| | |
|---|---|
| PUBLICATION NAME : | Hiranchal |
| EDITION : | Bhubaneswar |
| DATE : | 24/02/2022 |
| PAGE : | 05 |

## ବିହାରର ଉଦ୍ୟମିତା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି

# ଇଡିଆଇଆଇ ଓ ବିହାର ସରକାରଙ୍କ ମଧ୍ୟରେ ଏମ୍ଓୟୁ

**ଭୁବନେଶ୍ୱର,୨୩।୨:** ବିହାର ରାଜ୍ୟରେ ଉଦ୍ୟମିତା ବ୍ୟବସ୍ଥାର ପ୍ରସାର କରିବା ଲାଗି ଏଣ୍ଟ୍ରେପ୍ରେନେଉରସିପ୍ ଡେଭେଲପ୍‌ମେଂଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ) ପକ୍ଷରୁ ବିହାର ସରକାରଙ୍କ ଶିକ୍ଷ ବିଭାଗ ସହିତ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରାଯାଇଛି। ଇଡିଆଇଆଇ ପକ୍ଷରୁ ସାରା ରାଜ୍ୟରେ ଉଦ୍ୟମିତା ବିକାଶ ପଦକ୍ଷେପ ଗ୍ରହଣ କରାଯିବ ଏବଂ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଲାଗି ସହାୟକ ବ୍ୟବସ୍ଥା ବିକଶିତ କରିବା ନିମନ୍ତେ ଅଂଶୀଦାରମାନଙ୍କୁ ସଚେତନ କରାଯିବ। ଇଡିଆଇଆଇ ପକ୍ଷରୁ ଏଥିପାଇଁ ଏକ ନୂଆ ରଣନୀତି ପ୍ରସ୍ତୁତ କରାଯିବ। ଏମ୍ଓୟୁ ସ୍ୱାକ୍ଷର ଅବସରରେ ଇଡିଆଇଆଇର ଡାଇରେକ୍ଟର ଜେନେରାଲ୍ ଡକ୍ଟର ସୁନିଲ କୁମାର ଶୁକ୍ଲା, ଇଡିଆଇଆଇର ନିର୍ଦ୍ଦେଶକ, ପ୍ରକଳ୍ପ ବିଭାଗକର୍ପୋରେଟସ୍, ଡକ୍ଟର ରମଣ ଗୁଜରାଲ ଏବଂ ଡକ୍ଟର ପଙ୍କଜ ଭାରତୀ, ଆସୋସିଏଟ୍ ପ୍ରଫେସର, ଇଡିଆଇଆଇ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିହାର ଶିକ୍ଷ ବିଭାଗର ଅତିରିକ୍ତ ପ୍ରମୁଖ ସଚିବ ବ୍ରିଜେଶ ମେହରୋତ୍ରା, ପଙ୍କଜ ଦୀକ୍ଷିତ, ଇଡି, ଇନଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟ୍ରେପ୍ରେନେଉର୍‌ସିପ୍ ଡେଭେଲପ୍‌ମେଂଟ୍, ବିହାର ଓ ସନ୍ତୋଷ କୁମାର ସିହ୍ନା, ଇଡି, ବିହାର ଶିକ୍ଷାଚଂଳ ବିକାଶ କର୍ତ୍ତୃପକ୍ଷ ମଧ୍ୟ ଉପସ୍ଥିତ ଥିଲେ।



ଡକ୍ଟର ସୁନିଲ କୁମାର ଶୁକ୍ଲା, ଡାଇରେକ୍ଟର ଜେନେରାଲ, ଇଡିଆଇଆଇ କହିଛନ୍ତି ଯେ, ଇଡିଆଇଆଇରେ ଆମେ ସମାଜର ବିଭିନ୍ନ କ୍ଷେତ୍ରକୁ ଉଦ୍ୟମିତା ପରିସର ପାଇଁ ପ୍ରଶିକ୍ଷଣ ଓ ସଶକ୍ତ କରିବାକୁ ପ୍ରତିବଦ୍ଧ ଯାହା ଆମ ଦେଶର ଭବିଷ୍ୟତ। ବିହାର ଏକ ସମ୍ପଦ ଭରା ରାଜ୍ୟ ଏବଂ ରାଜ୍ୟରେ ଉଦ୍ୟମିତା ବିକାଶ ପାଇଁ ଉଦ୍ୟମ ନିଶ୍ଚିତ ରୂପେ ପ୍ରଶଂସନୀୟ ଅଭିବୃଦ୍ଧି ଆଣିବ। ରାଜ୍ୟର ବିଭିନ୍ନ ସ୍ଥାନରେ ଇଡିଆଇଆଇର ଉପସ୍ଥିତି ରହିଛି ଏବଂ ଏବେ ହୋଇଥିବା ବିକାଶ ଅନୁସାରେ ରାଜ୍ୟରେ ଉଦ୍ୟମିତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଆମେ ଚାହିରହିଛୁ। ଆମେ ଯେଉଁ ସମର୍ଥନ ହାସଲ କରୁଛୁ ତାହା ପ୍ରଶସଂନୀୟ ଏବଂ ଏହି କାର୍ଯ୍ୟ ପାଇଁ ସହାୟକ ହୋଇଥିବାରୁ ଆମେ ନୀତି ନିର୍ଦ୍ଧାରକ ଓ ପ୍ରମୁଖ ଉପଦେଷ୍ଟାଙ୍କ ନିକଟରେ କୃତଜ୍ଞ।